# Akashvani, Sambalpur

## SAMBALPURI NEWS BULLETIN

### 2 May 2025- 6.47- 6.52 am.

**********************************************

ଡାଲୁଆ ଧାନ୍‌ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଡାଲୁଆ ଧାନ୍ ଘିନାକେ ନେଇକରି ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଆନ୍ତଃମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଇ ଖେଡ଼ ୨୦ ଟା ଜିଲ୍ଲାନ ୯ ଶହ ୬୫ ପେକ୍ସ ଜରିଏ ୧୪ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ଧାରିଜ୍ କରାଯାଇଛେ । ଇଥର ଧାନ୍ ବିକ୍‌ବାର୍‌କେ ୩ ଲାଖ୍ ୩୭ ହଜାର୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ । ଜୁନ୍ ୩୦ ତାରିଖ୍‌ତକ୍ ଧାନ୍ ଘିନାଯିବା ବଲି ଶ୍ରୀ ସିଂହଦେଓ କହିଛନ୍ ।

ମୁଖ୍ୟମନ୍ତ୍ରୀ- ବିମାନ୍ ବନ୍ଦର୍ ସମୀକ୍ଷା I&PR

ରାଏଜେ ବିମାନ ଚଲାଚଲ୍ ଭିତିଭୂମିକେ ବର୍‌କସ୍ କର୍‌ବାର ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ

ସେବା ଭବନ୍‌ଠାନେ ବିମାନ ଚଲାଚଲ୍ ଆଉ ନେଟ୍‌ୱର୍କ ନିର୍ମାଣ ପରିଚାଲ୍‌ନା ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ର ନିଷ୍ପତି ଅନ୍‌ସାରେ ପାରାଦୀପ୍ ନ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ଥାପ୍‌ନା, ପୁରୀ ଶ୍ରୀ ଜଗନ୍ନାଥ ବିମାନ ବନ୍ଦର କାମ୍ ତୁର୍‌ତି କର୍‌ବାର ଲାଗି ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ଆଂଚଲିକ୍ ବିମାନ ଯୋଗାଯୋଗ୍‌କେ ବଢ଼ାବାର୍ ଲାଗି ସମ୍ବଲପୁର ଜିଲ୍ଲାର ଜମାଦାରପାଲି, ନୂଆପଡ଼ା ଜିଲ୍ଲାର ଗୋତମା, ସତୀଭଟା, ବଲାଙ୍ଗିର୍ ଜିଲ୍ଲାର୍ ତୁଷରା ସହେତେ ରାଜ୍ୟର୍ ଭିନ୍ ଭିନ୍ ଏୟାର୍‌ଷ୍ଟ୍ରିପ୍ ମାନ୍‌କର୍ ବିକାଶ୍ ଦିଗେ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ଇତାର୍‌ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲା ନ ହେଲିପେଡ୍ ତିଆର୍ ଆର୍ ଢେଙ୍କାନାଲ୍ ଜିଲ୍ଲା ନ ବିଜୁ ପଟ୍ଟନାୟକ୍ ବିମାନ୍ ଚଲାଚଲ୍ କେନ୍ଦ୍ରର୍ ବିକାଶ୍ ବାବ୍‌ଦେ ଭିଲ୍ ଆଲୋଚନା କରିଛନ୍ ।

ରାଜ୍ୟର୍ ପ୍ରତିଷ୍ଠା ଦିବସ-ରାଜ୍ୟପାଲ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍‌ଭବନ୍ ଠାନେ ଅଲ୍‌ଗା ରାଜ୍ୟର୍ ପ୍ରତିଷ୍ଠା ଦିବସ୍ ପାଲନ୍ ସମାରୋହ ଏକ୍ ଭାରତ୍ ଶ୍ରେଷ୍ଠ୍ ଭାରତ୍ ଭାବ୍‌ନାକେ ଆହୁରି ବର୍‌କସ୍ କରୁଛେ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ ରାଜ୍‌ଭବନ୍ ଠାନେ ହେଇଥିବା ଗୁଜୁରାଟ ଆଉ ମହାରାଷ୍ଟ୍ର

ପ୍ରତିଷ୍ଠା ଦିବସ୍ ପାଲନ୍ ସମାରୋହଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଅଲ୍‌ଗା ରାଜ୍ୟର୍ ପ୍ରତିଷ୍ଠା ଦିବସ୍ ପାଲନ୍ କର୍‌ବାର୍ ପରମ୍ପରା ଆଉ ଗୁଟେ ଅର୍ଥପୂର୍ଣ୍ଣ ଅଧ୍ୟାୟକେ ଦର୍ଶଉଛେ । ଭାରତ୍‌ର ଫି’ ରାଜ୍ୟର୍ ଐତିହ୍ୟ, ମୂଲ୍ୟବୋଧ ଆଉ ଅବଦାନ୍ ଆମର୍ ଜାତୀୟ ପରିଚୟକେ ସମୃଦ୍ଧ କରୁଛେ ବଲି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି କହିଛନ୍ ।

ୱେଭ୍‌ସ୍ ଏକ୍ସ

ମୁମ୍ବାଇ ନ ଚାଲିଥିବା ପହେଲା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ -ୱେଭ୍‌ସ୍ ୨୦୨୫ର ୨ ନମ୍ବର୍ ଦିନେ ଆଏଜ୍ ସିନ୍‌ମା ଜଗତ୍‌ର ଭିନ୍ ଭିନ୍ ବିଷେକେ ନେଇକରି ବହୁତ୍‌ଟେ ଆଲୋଚନା ଅଧିବେଶନ୍ ସହେତେ ସୃଜନୀ ପ୍ରତିଯୋଗିତା ମାନ୍ ହେବା ।

ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ବିଶ୍ୱସ୍ତର୍‌ଥି ଭାରତ୍‌ର ସୃଜନୀ ଶକ୍ତି ବାବ୍‌ଦେ କହିଥିଲେ । ଗଲାକାଏଲ୍ ସିନ୍‌ମା ଆଉ ମନୋରଞ୍ଜନ୍ ଦୁନିଆର୍ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇକରି ଭାରତୀୟ ସିନ୍‌ମା ଆର୍ ନୂଆଁ ସୃଜନୀର୍ ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍‌ର ପ୍ରଶଂସା କରିଛନ୍ ।

ଅନ୍ତର୍ଜାତୀୟ ଯୋଗ ଦିବସ୍                ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ଯୋଗ ଦିବସ୍ -୨୦୨୫ ଲାଗି ଆଏଜ୍‌ଠାନୁ ୫୦ ଦିନିଆ ଉଲ୍‌ଟା ଗନ୍‌ତି ମୁଲ୍ ହେଇଛେ । ଇ ଅବ୍‌ସରେ ମହାରାଷ୍ଟ୍ରର୍ ନାସିକ୍ ଠାନେ ଆଏଜ୍ ସଖାଲୁ ଯୋଗ ମହୋତ୍ସବ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ଆୟୁଷ୍ ମନ୍ତ୍ରଣାଳୟ ତର୍‌ଫୁ ଆୟୋଜିତ ଯୋଗ ମହୋତ୍ସବ୍‌ଥି ଆୟୁଷ୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଦବ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ ।

ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର୍        I&PR

ଆଏବା ୫ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର୍ ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଶିବିର୍‌ଥି ଆବେଦନ୍ କର୍‌ବାର୍ ଲାଗି ଲୁକେ janasunani.odisha.gov.in ଥି ନିଜର୍ ନାଁ ପଞ୍ଜିକରଣ୍ କରିପାର୍‌ବେ । ଇତାର୍‌ସହେତେ ପଞ୍ଜିକରଣ୍ ନାଇଁ କରିପାରିଥିଲେ ଭିଲ୍ ଲୁକେ ସିଧାସଲଖ୍ ଶିବିର୍‌କେ ଯାଇକରି ଅଭିଯୋଗ୍ ପତ୍ର ଦାଖଲ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କଳିଙ୍ଗ ସୁପର କପ୍ ଫୁଟବଲ          ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଂଟ - ୨୦୨୫ର ଫାଇନାଲ୍ ମେଚ୍ ହେବା । ଚମ୍ପିଅନ୍ ଟାଇଟଲ ହାସନ୍ କର୍ବାର୍ ଲାଗି ଏଫ୍‌ସି ଗୋଆ ଆଉ ଜାମସେଦପୁର ଏଫ୍‌ସି ଦଲ୍ ଭିତ୍‌ରେ ଫାଇନାଲ ମ୍ୟାଚ୍ ଖେଲା ଯିବା ।

ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ        ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କୁଠି ନ ଆଏଜ୍ ଉପର୍‌ବେଲା ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ ୨୦୨୪-୨୫ ବଛର୍‌ର ବାର୍ଷିକ ସମ୍ମାନ୍ ସମାରୋହ ଆୟୋଜନ୍ କରାଯିବା । ଫୁଟ୍‌ବଲ୍ ଖେଲ୍‌ଥି ଉଲ୍ଲେଖନୀୟ ଅବଦାନ୍ ଦେଇଥିବା ଖେଲାଳିମାନ୍‌କୁ ଇଥି ପୁରସ୍କୃତ୍ କରାଯିବା ।

ପାଣିପାଗ                                        ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ବଡ଼ଭାଗୀ ଜାଗାନ ଧୁକା ଗର୍ଡି ଆର୍

ଘଡ଼୍ଘଡ଼ି ସାଙ୍ଗେ ହାଲ୍କାନୁ ମଧ୍ୟମ ବର୍ଷା ହେଇପାରେ । ଇ ସମିଆଥି ୫୦ ନୁ ୬୦ କିଲୋମିଟର୍ ବେଗଥି ପବନ୍ ବୁହିପାରେ । ସୁନ୍ଦରଗଡ଼, ରାୟଗଡ଼ା, କଟକ୍, ପୁରୀ , ଖୋର୍ଦ୍ଧା ସହେତେ ୧୬ଟା ଜିଲ୍ଲାନ ଜବର ଧୁକା ଗର୍ଜି, ବର୍ଷା ସହେତେ ଚଡ଼୍କ ଆର୍ କରା ମାରିପାରେ ବଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛେ । କାଲବୈଶାଖୀର ବଲେ ରାଜ୍ୟର ସବୁ ଇଲାକାନ ଖରା ଆର୍ ଗରମ୍ କମିଛେ । ଆଏବା ୩ ଦିନ୍ ଦିନ୍ ତକ୍ ପାଗ୍ ଏନ୍ତା ଲାଗି ରହେବା ବଲି ପାଣିପାଗ କେନ୍ଦ୍ର ଅନୁମାନ କରିଛେ ।